# NATIONAL NEWS BULLETIN (ODIA)

**9 October - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଦେଶରେ ପାରମ୍ପରିକ ଔଷଧର ଉପଲବ୍ଧତାକୁ ବୃଦ୍ଧି କରିବା ଲାଗି ଆୟୁର୍ବେଦ କ୍ଷେତ୍ରରେ ଯୁବକମାନେ ଉଦ୍ୟୋଗୀ ହେବା ଉପରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଗୁରୁତ୍ୱାରୋପ

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ମହାରାଷ୍ଟ୍ରରେ ୧୦ଟି ନୂଆ ସରକାରୀ ମେଡ଼ିକାଲ କଲେଜର ଶିଳାନ୍ୟାସ କରିଛନ୍ତି ।

- ଭାରତୀୟ ରିଜର୍ଭ ବ୍ୟାଙ୍କ ଆଜି ରେପୋ ରେଟ୍ ଅପରିବର୍ତ୍ତିତ ରଖିଛି ।

- ବିଜେପିର ବିଜୟ ପରେ  ହରିଆଣା ମୁଖ୍ୟମନ୍ତ୍ରୀ ନାଏବ ସିଂ ସଇନୀ ଆଜି ନୂଆଦିଲ୍ଲୀଠାରେ ପ୍ରଧାନମନ୍ତ୍ରୀଙ୍କୁ ଭେଟିଛନ୍ତି ।

ଏବଂ

- ଆଇ.ସି.ସି. ମହିଳା ଟି-ଟ୍ୱେଣ୍ଟି କ୍ରିକେଟ୍ ବିଶ୍ୱକପ୍ ପ୍ରତିଯୋଗିତାରେ ଆଜି ସନ୍ଧ୍ୟାରେ ଗ୍ରୁପ୍-ଏ ର ଏକ ମ୍ୟାଚ୍‌ରେ ଭାରତ-ଶ୍ରୀଲଙ୍କା ମଧ୍ୟରେ ହେବ ମୁକାବିଲା

# ପ୍ରଧାନମନ୍ତ୍ରୀ-ମହା-ପ୍ରୋଜେକ୍ଟସ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ମହାରାଷ୍ଟ୍ରରେ ୧୦ଟି ନୂଆ ସରକାରୀ ମେଡ଼ିକାଲ କଲେଜର ଶିଳାନ୍ୟାସ କରିଛନ୍ତି । ଏହି ହସ୍ପିଟାଲଗୁଡ଼ିକ ମୁମ୍ବାଇ, ନାସିକ୍, ଜଲ୍‌ନା, ଅମରାବତୀ, ଗଡ଼ଚିରୋଲି, ବୁଲଧାନା, ୱାସିମ୍, ଭାନ୍ଦ୍ରା, ହିଙ୍ଗୋଲି ଏବଂ ଅମ୍ବରନାଥଠାରେ ଅବସ୍ଥିତ । ଏଥିସହିତ ପ୍ରଧାନମନ୍ତ୍ରୀ  ୭ ହଜାର ୬୦୦ କୋଟିରୁ ଅଧିକ ବ୍ୟୟ ଅଟକଳରେ ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି ।  ନାଗପୁର ସ୍ଥିତ ଡକ୍ଟର ବାବାସାହେବ ଆମ୍ବେଦକର ଆନ୍ତର୍ଜାତିକ ବିମାନ ବନ୍ଦରର ଉନ୍ନତିକରଣ ଏବଂ ଶିରିଡ଼ି ବିମାନ ବନ୍ଦରର ନୂତନ ସମନ୍ୱିତ ଟର୍ମିନାଲ୍ କୋଠାର ମଧ୍ୟ ପ୍ରଧାନମନ୍ତ୍ରୀ  ଶିଳାନ୍ୟାସ କରିଛନ୍ତି ।

ମୁମ୍ବାଇ ସ୍ଥିତ ଭାରତୀୟ ଦକ୍ଷତା ପ୍ରତିଷ୍ଠାନକୁ ଉଦ୍‌ଘାଟନ କରିବା ସହ ସରକାରୀ ଓ ଘରୋଇ ସହଭାଗିତାରେ ପ୍ରତିଷ୍ଠିତ ଏହି ଅନୁଷ୍ଠାନ କୃତ୍ରିମ ବୁଦ୍ଧିମତା, ଡାଟା ଆନାଲେଟିକ୍ସ, ରୋବୋଟିକ୍ସ ଭଳି କେତେକ କ୍ଷେତ୍ରରେ ପ୍ରଶିକ୍ଷଣ ପ୍ରଦାନ କରିବ । ଶ୍ରୀ ମୋଦୀ ବିଦ୍ୟା ସମୀକ୍ଷା କେନ୍ଦ୍ରକୁ ଉଦ୍‌ଘାଟନ କରିଛନ୍ତି । ଏଥିରେ ଛାତ୍ରଛାତ୍ରୀ, ଶିକ୍ଷକ ଏବଂ ପ୍ରଶାସକଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଶୈକ୍ଷିକ ଏବଂ ପ୍ରଶାସନିକ ତଥ୍ୟ ଉପଲବ୍ଧ ହେବ ।

# ନିର୍ମଳା ସୀତାରମଣ

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି, ବ୍ୟାଙ୍କ୍ ଗୁଡ଼ିକର ସ୍ଥିତି ସିଧାସଳଖ ସାମଗ୍ରୀକ ଅର୍ଥନୀତି ଓ ପାରିବାରିକ ଆର୍ଥିକ ସ୍ଥିରତାକୁ

ପ୍ରଭାବିତ କରୁଛି । ମୁମ୍ବାଇରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀମତୀ ସୀତାରମଣ କହିଛନ୍ତି, ଚ୍ୟାଲେଞ୍ଜ ଗୁଡ଼ିକର ଠିକ୍ ମୁକାବିଲା କରିବା ସହ ଆର୍ଥିକ ସୁବିଧା ସୃଷ୍ଟି କରିବା ଲକ୍ଷ୍ୟରେ ବ୍ୟାଙ୍କ୍ ଗୁଡ଼ିକ ଋଣ ଦେବାରେ ବୁଦ୍ଧିମତା ଅବଲମ୍ବନ କରିବା ଉଚିତ୍ । ଅତ୍ୟଧିକ ଋଣ ନ ଦେବା ପାଇଁ ପରାମର୍ଶ ଦେବା ସହ ଅର୍ଥମନ୍ତ୍ରୀ ସୀତାରମଣ ଲାଭ ଏବଂ ଅର୍ଥନୈତିକ ଅଭିବୃଦ୍ଧି ଦିଗକୁ ଲକ୍ଷ୍ୟ ରଖିବା ଲାଗି ବ୍ୟାଙ୍କ୍ ଗୁଡ଼ିକୁ କହିଛନ୍ତି ।

ଅତ୍ୟାଧୁନିକ ଜ୍ଞାନକୌଶଳ ଅବଲମ୍ବନ ସହ ସାଇବର ନିରାପତ୍ତା ବିଶେଷଜ୍ଞଙ୍କ ସହାୟତା ନେବାକୁ ଅର୍ଥମନ୍ତ୍ରୀ ବ୍ୟାଙ୍କ୍ ଗୁଡ଼ିକୁ ପରାମର୍ଶ ଦେଇଛନ୍ତି । ଯୋଗ୍ୟ ଯୁବବର୍ଗଙ୍କୁ ଇଣ୍ଟର୍ଣ୍ଣସିପ୍ ଯୋଜନାର ଲାଭ ଉଠାଇବାକୁ ସେ ପରାମର୍ଶ ଦେବା ସହ ଏ କ୍ଷେତ୍ରରେ ସହଯୋଗ ପ୍ରଦାନ କରିବାକୁ ବ୍ୟାଙ୍କ୍ ଏବଂ ଆର୍ଥିକ ଅନୁଷ୍ଠାନ ଗୁଡ଼ିକୁ ଅନୁରୋଧ କରିଛନ୍ତି ।

---

# ପିଏମ୍-ନାଏବ ସିଂ

ହରିଆଣାରେ ବିଜେପିର ବିଜୟ ପରେ ହରିଆଣା ମୁଖ୍ୟମନ୍ତ୍ରୀ ନାଏବ ସିଂ ସଇନୀ ଆଜି ନୂଆଦିଲ୍ଲୀଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟିଛନ୍ତି । ଏହି ଅବସରରେ ପ୍ରଧାନମନ୍ତ୍ରୀ ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ହରିଆଣା ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବା ଦିଗରେ ପ୍ରମୁଖ ଭୂମିକା ନିର୍ବାହ କରିବ ବୋଲି କହିଛନ୍ତି ।

ସୂଚନାଯୋଗ୍ୟ ୯୦ ଆସନ ବିଶିଷ୍ଟ ହରିଆଣା ବିଧାନସଭାରେ ବିଜେପି ୪୮ଟି ଆସନ ପାଇ ସଂଖ୍ୟାଗରିଷ୍ଠତା ହାସଲ କରିଛି । ସେଠାରେ କଂଗ୍ରେସ ୩୭ଟି ଆସନ ପାଇବାରେ ସକ୍ଷମ ହୋଇଛି ।

## ଭୋଟ୍ ଗଣତି

ଆଇ.ଏନ୍.ଏଲ୍.ଡି. ୨ଟି ଆସନ ଏବଂ ସ୍ୱାଧୀନ ପ୍ରାର୍ଥୀ ତିନୋଟି ଆସନକୁ ଅକ୍ତିଆର କରିଛନ୍ତି ।

ସେହିପରି ୯୦ ଆସନ ବିଶିଷ୍ଟ ଜାମ୍ମୁ କାଶ୍ମୀର ବିଧାନସଭାରେ ନ୍ୟାସନାଲ୍ କନ୍‌ଫରେନ୍ସ ୪୨ଟି ସିଟ୍‌ରେ ବିଜୟୀ ହୋଇଥିବା ବେଳେ ଏହାର ସହଯୋଗୀ କଂଗ୍ରେସ ୬ଟି ଆସନ ପାଇଛି । ବିଜେପି ୨୯ଟି ସିଟ୍ ହାସଲ କରିଛି । ଜାମ୍ମୁ କାଶ୍ମୀର ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି ୩ଟି, ଜାମ୍ମୁ କାଶ୍ମୀର ପିପୁଲ୍ସ କନ୍‌ଫରେନ୍ସ, ସି.ପି.ଆଇ.ଏମ୍. ଏବଂ ଆମ୍ ଆଦମୀ ପାର୍ଟି ଗୋଟିଏ ଲେଖାଏଁ ଆସନରେ ବିଜୟୀ ହୋଇଛନ୍ତି । ୭ଟି ଆସନକୁ ସ୍ୱାଧୀନ ପ୍ରାର୍ଥୀ ଅକ୍ତିଆର କରିଛନ୍ତି ।

ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ନ୍ୟାସନାଲ୍ କନ୍‌ଫରେନ୍ସ ନେତା ଓମାର ଅବଦୁଲ୍ଲା ୨ଟି ଯାକ ବିଧାନସଭା ଆସନ ବୁଡ଼ଗାଓଁ ଏବଂ ଗନ୍ଦେରବାଲରୁ ବିଜୟୀ ହୋଇଛନ୍ତି ।

## ପ୍ରଧାନମନ୍ତ୍ରୀ-ସ୍ୱରାଷ୍ଟ୍ରମନ୍ତ୍ରୀ

ପ୍ରଧାନମନ୍ତ୍ରୀ ତଥା ବରିଷ୍ଠ ବିଜେପି ନେତା ନରେନ୍ଦ୍ର ମୋଦୀ ହରିଆଣା ବିଧାନସଭା ନିର୍ବାଚନରେ ବିଜେପିକୁ ବହୁମତ ମିଳିଥିବାରୁ କୃତଜ୍ଞତା ଜଣାଇଛନ୍ତି । ଜାମ୍ମୁ କାଶ୍ମୀର ବିଧାନସଭା ନିର୍ବାଚନ ସ୍ୱତନ୍ତ୍ର ଥିଲା

ବୋଲି ସେ କହିଛନ୍ତି । ହରିଆଣା ବିକାଶ ଏବଂ ସ୍ୱଚ୍ଛ ପ୍ରଶାସନକୁ ସ୍ୱୀକୃତି ମିଳିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ସମ୍ବିଧାନର ଧାରା ୩୭୦ ଏବଂ ୩୫-କ ଉଚ୍ଛେଦ ପରେ ପ୍ରଥମର ପାଇଁ ଜାମ୍ମୁ କାଶ୍ମୀରରେ ଅନୁଷ୍ଠିତ ଗଣତାନ୍ତ୍ରିକ ପ୍ରକ୍ରିୟାରେ ବହୁ ମତଦାତାଙ୍କ ଯୋଗଦାନକୁ ପ୍ରଧାନମନ୍ତ୍ରୀ ସ୍ୱାଗତ କରିବା ସହ ଏହା ଉପରେ ଜାମ୍ମୁ କାଶ୍ମୀରବାସୀଙ୍କ ବିଶ୍ୱାସ ପ୍ରତିଫଳିତ ହୋଇଛି ବୋଲି କହିଛନ୍ତି । ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ହରିଆଣା ବିଧାନସଭା ନିର୍ବାଚନ ଫଳାଫଳ ନେଇ ରାଜ୍ୟବାସୀଙ୍କୁ କୃତଜ୍ଞତା ଜଣାଇଛନ୍ତି । ଜାମ୍ମୁ କାଶ୍ମୀରରେ ବିଜେପିର ମତଦାନ ହାର ବୃଦ୍ଧି ପାଇବା ନେଇ ଶ୍ରୀ ଶାହା ସନ୍ତୋଷ ବ୍ୟକ୍ତ କରିଛନ୍ତି ।  ଜାମ୍ମୁ କାଶ୍ମୀର ବିଧାନସଭା ନିର୍ବାଚନ ଫଳାଫଳ ଉପରେ ପ୍ରତିକ୍ରିୟା ଦେଇ ଶ୍ରୀ ଶାହା କହିଛନ୍ତି, ମତଦାନ ହାର ବୃଦ୍ଧି ଏବଂ ବିଜେପିକୁ ବହୁ ଆସନରେ ବିଜୟୀ କରିଥିବାରୁ ଦଳ ପ୍ରତି ଜାମ୍ମୁ କାଶ୍ମୀରବାସୀଙ୍କର ଆଶୀର୍ବାଦ ରହିଛି ।  ଜାମ୍ମୁ କାଶ୍ମୀରରେ ବିକାଶ ଏବଂ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ଦୃଢ଼ କରିବା ପାଇଁ କେନ୍ଦ୍ର ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଛନ୍ତି ।

## କୋକେରନାଗ ଅପରେସନ

ଜାମ୍ମୁକାଶ୍ମୀରର ଅନନ୍ତନାଗ ଜିଲ୍ଲା ଅନ୍ତର୍ଗତ କୋକେରନାଗର କାଜୁୱାନ୍ ଜଙ୍ଗଲ ଅଞ୍ଚଳରେ ଆତଙ୍କବାଦୀ ନିରୋଧୀ ଅଭିଯାନ ଚାଲିଥିବା ବେଳେ ଜଣେ ଯବାନ ନିଖୋଜ ହୋଇଥିବା ଜଣାପଡ଼ିଛି । ସାମାଜିକ ଗଣମାଧ୍ୟମରେ ସେନା ପକ୍ଷରୁ କୁହାଯାଇଛି ସେନା ଓ ସ୍ଥାନୀୟ ପୋଲିସ୍‌ର ମିଳିତ କାର୍ଯ୍ୟାନୁଷ୍ଠାନ ଚାଲିଥିବା ବେଳେ ସଂପୃକ୍ତ ଯବାନ ନିଖୋଜ

ହୋଇଯାଇଥିବା ଗୋଇନ୍ଦା ସୂଚନାରୁ ଜଣାପଡ଼ିଛି । ଟେରିଟୋରିଆଲ୍ ଆର୍ମିର ଏହି ଯବାନଙ୍କୁ ଉଦ୍ଧାର କରିବା ଲାଗି ବିଭିନ୍ନ ସ୍ଥାନରେ ଗତକାଲି ରାତିରୁ ତଲାସି ଅଭିଯାନ ଆରମ୍ଭ ହୋଇଛି ।

## ଜାତିସଂଘ ମହାସଚିବ

ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ ଉଭୟ ଗାଜା ଏବଂ ଲେବାନନ୍‌ରେ ତୁରନ୍ତ ଅସ୍ତ୍ରବିରତି ପାଇଁ ଆହ୍ୱାନ ଦେଇଛନ୍ତି । ସେହି ଅଞ୍ଚଳରେ ଯୁଦ୍ଧର ଆଶଙ୍କା ବୃଦ୍ଧି ପାଉଛି ବୋଲି ଗୁଟେରସ୍ ଚେତାବନୀ ଦେଇଛନ୍ତି । ଇସ୍ରାଏଲ୍ ସଂସଦରେ ପାରିତ ହୋଇଥିବା ଦୁଇଟି ବିଲ୍‌କୁ ନେଇ ଶ୍ରୀ ଗୁଟେରସ୍ ଉଦ୍‌ବେଗ ପ୍ରକାଶ କରିବା ସହ ଏହା ପାଲେଷ୍ଟାଇନ୍ ଶରଣାର୍ଥିଙ୍କ ପାଇଁ ଜାତିସଂଘ ପକ୍ଷରୁ ନିଆଯାଉଥିବା କାର୍ଯ୍ୟକଳାପକୁ ପ୍ରଭାବିତ କରିପାରେ ବୋଲି ଆଶଙ୍କା ପ୍ରକାଶ କରିଛନ୍ତି । ଏ ନେଇ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କୁ ସେ ବ୍ୟକ୍ତିଗତ ଭାବେ ଚିଠି ଲେଖିଛନ୍ତି । ଲେବାନନ୍‌ରେ ବୃଦ୍ଧି ପାଉଥିବା ମାନବିକ ସଂକଟକୁ ଦୃଷ୍ଟିରେ ରଖି କାତାର’ ଲେବାନନ୍‌ଙ୍କୁ ଚିକିତ୍ସା ସାମଗ୍ରୀ ଏବଂ ଖାଦ୍ୟ ପରିବହନ ପାଇଁ ପଦକ୍ଷେପ ନେଇଛି ।

## ମହିଳା କ୍ରିକେଟ୍

ଆଇ.ସି.ସି. ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପ୍ ପ୍ରତିଯୋଗିତାରେ ଆଜି ସନ୍ଧ୍ୟାରେ ଗ୍ରୁପ୍-ଏ ର ଏକ ମ୍ୟାଚ୍‌ରେ ଭାରତ-ଶ୍ରୀଲଙ୍କା ମଧ୍ୟରେ ମୁକାବିଲା ହେବ । ଭାରତୀୟ ସମୟ ସନ୍ଧ୍ୟା ସାଢ଼େ ୭ଟାରେ ଏହି ମ୍ୟାଚ୍ ଦୁବାଇ ଠାରେ ଖେଳାଯିବ । ଦକ୍ଷିଣ ଆଫ୍ରିକା ଏବଂ ସ୍କଟ୍‌ଲାଣ୍ଡ ମଧ୍ୟରେ ଅନ୍ୟ ଏକ ମ୍ୟାଚ୍ ଆଜି ଅପରାହ୍ଣ ସାଢ଼େ ୩ଟାରେ ଦୁବାଇରେ ଖେଳାଯିବ । ପ୍ରଥମ

ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ଠାରୁ ପରାଜିତ ହେବା ପରେ ଭାରତ ଦ୍ୱିତୀୟ ମ୍ୟାଚ୍‌ରେ ପାକିସ୍ତାନ ବିପକ୍ଷରେ ୬ ଓ୍ୱିକେଟ୍‌ରେ ବିଜୟୀ ହୋଇଛି । ଅନ୍ୟ ପକ୍ଷରେ ଶ୍ରୀଲଙ୍କା' ପାକିସ୍ତାନ ଏବଂ ଅଷ୍ଟ୍ରେଲିଆଠାରୁ ପରାଜିତ ହୋଇଛି ।

ଗତକାଲି ସାରଜା ଠାରେ ଅନୁଷ୍ଠିତ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ନ୍ୟୁଜିଲାଣ୍ଡକୁ ୬୦ରନ୍‌ରେ ପରାସ୍ତ କରିଛି ।

---